"ମିଠେ ବଚ୍ଚେ:- ଅବିନାଶୀ ପିତା ଆସିଛନ୍ତି ତୁମମାନଙ୍କୁ ନିଜ ସାଥିରେ ନେଇଯିବା ପାଇଁ, ସେଥିପାଇଁ ଏବେ ବାବାଙ୍କର ହୋଇ ତାଙ୍କ ଶ୍ରୀମତରେ ଚାଲ ।"

ପ୍ରଶ୍ନ:- ବାବା ନିଜର ପିଲାମାନଙ୍କର ଭାଗ୍ୟକୁ ଶ୍ରେଷ୍ଠ କରିବା ପାଇଁ କେଉଁ ଶ୍ରେଷ୍ଠ ମତ ଦେଉଛନ୍ତି?

ଉତ୍ତର:- ମିଠେ ବଚ୍ଚେ ମୃତ୍ୟୁ ପୂର୍ବରୁ ଯେତେ ଦୂର ସମ୍ଭବ ବାବାଙ୍କ ସ୍ମୃତିରେ ରହିବାର ପୁରୁଷାର୍ଥ କରିନିଅ, ଏହିଥିରେ ହିଁ ତୁମମାନଙ୍କର ରୋଜଗାର ରହିଛି । ମୋର ସନ୍ତାନ ହୋଇ କେବେ ଭୁଲ୍‌ରେ ମଧ୍ୟ କୌଣସି ପାପ କର୍ମ କର ନାହିଁ । ଯଦିଓ ମାୟାର ଅନେକ ତୋଫାନ ଆସିବ କିନ୍ତୁ କେବେହେଲେ ପତିତ ହୁଅ ନାହିଁ ।

ଓମ୍ ଶାନ୍ତି । ଶିବ ଭଗବାନୁବାଚ । ତୁମେ ପିଲାମାନେ ତ ବୁଝୁଛ ଯେ ଶିବବାବା ଆମମାନଙ୍କୁ ବୁଝାଉଛନ୍ତି । ତୁମେ ହେଉଛ ସଂଗମଯୁଗୀ । ତୁମେମାନେ ଶିବବାବାଙ୍କର ସମ୍ମୁଖରେ ବସିଛ । କଳିଯୁଗୀ ମନୁଷ୍ୟମାନେ ଶିବବାବାଙ୍କର ଜଡ ମନ୍ଦିରରେ ଯାଇ ବସୁଛନ୍ତି । ଏଥିରେ ପାର୍ଥକ୍ୟ ବୁଝିପାରୁଛ ନା । ବୁଦ୍ଧିର ତାଲା ତ ଟିକେ ଖୋଲ । ତୁମେ ଜାଣିଛ ଯେ ଆମେ ଚୈତନ୍ୟ ଶିବବାବାଙ୍କ ପାଖରେ ବସିଛୁ । ବାବା ଆମ ସହିତ ସମ୍ମୁଖରେ ବାର୍ତ୍ତାଳାପ କରୁଛନ୍ତି । ଶିବବାବା ବ୍ରହ୍ମାଙ୍କ ଦ୍□ାରା ରାଜଯୋଗ ଶିଖାଉଛନ୍ତି ଏବଂ ଅନ୍ୟ ପଟେ ଦେଖ ମନୁଷ୍ୟମାନେ ଶିବବାବାଙ୍କର ପୂଜା କରୁଛନ୍ତି । ତାଙ୍କରି ଦର୍ଶନ ପାଇଁ ଅମରନାଥକୁ, କାଶୀକୁ ଯାଉଛନ୍ତି । ପୁଣି ତୁମେମାନେ ଏହି କଥା ପ୍ରତି ମୂହୁର୍ତ୍ତରେ କାହିଁକି ଭୁଲିଯାଉଛ ଯେ ଆମେ ଶିବବାବାଙ୍କ ପାଖରେ ବସିଛୁ, ଯାହାଙ୍କୁ ପରମପିତା ପରମାତ୍ମା କୁହାଯାଉଛି । ତାଙ୍କର କେତେ ମହିମା ରହିଛି । ତାଙ୍କୁ ତୁମେ ବାବା-ବାବା କହୁଛ । ଜାଣିଛ ଯେ ଆମେ ଶିବବାବାଙ୍କର ମତରେ ଚାଲି ବିଶ୍□ର ମାଲିକ ହେବା ପାଇଁ ବର୍ସା (ସମ୍ପତ୍ତି) ନେଉଛୁ । ଭକ୍ତମାନେ ମନ୍ଦିର, ତୀର୍ଥ ଆଦିରେ ଧକ୍କା ଖାଉଛନ୍ତି, ଆଉ ତୁମେମାନେ ବାବାଙ୍କଠାରୁ ସମ୍ପତ୍ତିର ସୁଖ ନେଉଛ । ଦେଖ କେତେ ଫରକ ରହିଛି । ତୁମମାନଙ୍କ ତୁଳନାରେ ସେମାନେ କେତେ ମୂର୍ଖ ଅଟନ୍ତି । ଶିବବାବା କହୁଛନ୍ତି ମୁଁ ତୁମର ଆଜ୍ଞାକାରୀ ସେବାଧାରୀ ଅଟେ । ମୁଁ ତୁମକୁ ସମ୍ପତ୍ତି ଦେବାକୁ ଆସିଛି । ସେମାନେ ଈଶ୍□ର ପିତାଙ୍କୁ ଡାକୁଛନ୍ତି । ଏଠାରେ ତ ତୁମେ ଈଶ୍□ରଙ୍କ ସମ୍ମୁଖରେ ବସିଛ । ଏଠାରେ ଥିବା ପର୍ଯ୍ୟନ୍ତ ଏହି କଥା ବୁଦ୍ଧିରେ ରହୁଛି, ପୁଣି ଘରକୁ ଯିବା ପରେ କାହିଁକି ଭୁଲି ଯାଉଛ! ଏଠାରେ ତୁମ୍ଭମାନଙ୍କ ପାଇଁ ଦିନ, ଦୁନିଆ ଲୋକଙ୍କ ପାଇଁ ରାତି ଅଟେ । ଭକ୍ତମାନେ ଭଗବାନଙ୍କୁ ଡାକି ଚାଲିଛନ୍ତି, ତୁମ୍ଭେମାନେ ସମ୍ମୁଖରେ ବସି କହୁଛ ଯେ ତୁମ ସହିତ ବସିବୁ, ତୁମଠାରୁ ଶୁଣିବୁ । କିନ୍ତୁ ଘରକୁ ଯାଇ ଭୁଲି ଯାଉଛ । ମାୟା ବହୁତ ଶକ୍ତିଶାଳୀ ଅଟେ । ଶିବବାବାଙ୍କର ସନ୍ତାନ ହୋଇ ପୂଜାରୀରୁ ପୂଜ୍ୟ ହେବା ପାଇଁ ପୁରୁଷାର୍ଥ ମଧ୍ୟ କରୁଛ ପୁଣି ବାହ୍ୟମୁଖୀ ହୋଇ ପୂଜାରୀ ହୋଇଯାଉଛ । ଭକ୍ତମାନେ ଶିବବାବାଙ୍କର ଜଡ ମନ୍ଦିରକୁ ଯାଉଛନ୍ତି ।

ଏଠାରେ ତ ବାବା ବୁଝାଉଛନ୍ତି ପିଲାମାନେ, ଶ୍ରୀମତରେ ଚାଲିବା ଦ୍□ାରା ହିଁ ତୁମେମାନେ ଶ୍ରେଷ୍ଠ ହେବ । ମୁଖ୍ୟ ହେଉଛି ପବିତ୍ରତା । ସେଠାରେ ଶିବଙ୍କର ଜଡ ମୂର୍ତ୍ତି ସମ୍ମୁଖକୁ ଯାଇ କାଶୀ କଲବଟ ଅର୍ଥାତ୍ କାଶୀରେ ଥିବା ବଳୀ ପଡିବାର କୂଅରେ ଶରୀରକୁ ବଳି ପକାଉଛନ୍ତି । ଏଠାରେ ତ ଚୈତନ୍ୟରେ ଶିବବାବା ବସିଛନ୍ତି । ଏଠାରେ ବଳି ପଡିବାର କିଛି କଥା ନାହିଁ । ଏହା ହେଉଛି ଜୀଇଁ ଥାଉ ଥାଉ ମରିବା । ବାବା କହୁଛନ୍ତି - ଶ୍ରୀମତରେ ଚାଲ । ଏଠାରୁ ବାହାରକୁ ଯିବା ମାତ୍ରକେ ବାବାଙ୍କୁ ଭୁଲି ଯାଉଛନ୍ତି । କେବେ ଚିଠି ମଧ୍ୟ ଲେଖୁ ନାହାଁନ୍ତି । କେହି ତ ଏଭଳି ଅଛନ୍ତି ଯିଏ କେବେହେଲେ ବି ବାବାଙ୍କୁ ଦେଖି ନାହାଁନ୍ତି, ବ୍ୟାକୁଳ ହୋଇ ଚିଠି ଲେଖୁଛନ୍ତି ଏବଂ ଯେଉଁମାନେ ସମ୍ମୁଖରେ ବାବାଙ୍କ ସହିତ ସାକ୍ଷାତ୍ କରିଯାଉଛନ୍ତି ସେମାନେ ପୁଣି ଏକଦମ୍ ଭୁଲିଯାଉଛନ୍ତି । ତୁମକୁ ତ ଶିବବାବାଙ୍କ ପାଇଁ ସମର୍ପିତ ହେବାକୁ ପଡିବ ନା । ଭକ୍ତିମାର୍ଗରେ ଶିବବାବାଙ୍କ ଦର୍ଶନ ପାଇବା ପାଇଁ ପ୍ରାଣବଳି ଦେଉଥିଲେ କିନ୍ତୁ ସିଏ ତ ମିଳିଲେ ନାହିଁ । ବର୍ତ୍ତମାନ ବାବା ଚୈତନ୍ୟରେ ଆସି କହୁଛନ୍ତି ପିଲାମାନେ ମୋର ହୁଅ, ମୁଁ ଆସିଛି ତୁମମାନଙ୍କୁ ସାଥିରେ ନେଇଯିବା ପାଇଁ । ପବିତ୍ର ନ ହେଲେ ତ ଯାଇପାରିବ ନାହିଁ । ପବିତ୍ର କରିବାକୁ ମୋତେ ହିଁ

ଆସିବାକୁ ପଡୁଛି । ସମସ୍ତଙ୍କର ସଦ୍‌ଗତି ଦାତା ବାବା ତୁମମାନଙ୍କ ପାଖରେ ବସିଛନ୍ତି । ତୁମକୁ ରାଜଯୋଗ ଶିଖାଉଛନ୍ତି, ଯାହା ଗୀତାର ଭଗବାନ ଶିଖାଇଥିଲେ । ସେମାନେ କୃଷ୍ଣଙ୍କୁ ଭଗବାନ କହିଦେଉଛନ୍ତି । ତୁମେମାନେ ଜାଣିଛ ଯେ ଗୀତାର ଭଗବାନ ଶିବବାବା ଅଟନ୍ତି । ତୁମେ ଚିଠି ମଧ୍ୟ ଏହିଭଳି ଲେଖୁଛ - ଶିବବାବା କେୟାର୍ ଅଫ୍ ବ୍ରହ୍ମା । ତୁମମାନଙ୍କୁ ସମ୍ମୁଖରେ ବସାଇ ବାବା ବୁଝାଉଛନ୍ତି । ତଥାପି ଆଗ୍ରହ ରହୁନାହିଁ । ଓହୋ! ଶିବବାବା ମୋତେ କୋଳକୁ ନେଇଛନ୍ତି । ଧର୍ମର ସନ୍ତାନ କରିଛନ୍ତି । କିନ୍ତୁ ସମସ୍ତଙ୍କୁ ଏଠାରେ ରଖିବେ ନାହିଁ ନା । ହଜାର ହଜାର ସନ୍ତାନ ଅଛନ୍ତି । ସମସ୍ତଙ୍କୁ ଏଠାରେ କିପରି ରଖିପାରିବେ, ଏତେ ଜାଗା କେଉଁଠି ଅଛି! ବାବା କହୁଛନ୍ତି - ତୁମକୁ ନିଜ ଘରେ ହିଁ ରହିବାକୁ ହେବ । କେବଳ ବାବାଙ୍କୁ ମନେ ପକାଇବାକୁ ହେବ । ସବୁଠାରୁ ମିଠା ଯିଏକି ଅବିନାଶୀ ପିତା ଅଟନ୍ତି, ତାଙ୍କର ତୁମେ ସନ୍ତାନ ହୋଇଛ ।

ବାବା ବୁଝାଉଛନ୍ତି ପିଲାମାନେ, ତୁମେମାନେ କାମ ବିକାର ରୂପୀ ଚିତାରେ ବସି ଜଳିଯାଇଛ । ଏବେ ଜ୍ଞାନ ରୂପୀ ଚିତାରେ ବସି ଦେବତା ହୁଅ । ଦେବତାମାନଙ୍କର ପୂଜା ମଧ୍ୟ କରୁଛନ୍ତି, କିନ୍ତୁ କିଛି ହେଲେ ବୁଝୁନାହାଁନ୍ତି । ଏହାକୁ ମଧ୍ୟ ଡ୍ରାମାର ନିଶ୍ଚିତି ବୋଲି କୁହାଯିବ । ଏବେ ତୁମେମାନେ ଚୈତନ୍ୟ ଶିବବାବାଙ୍କ ପାଖରେ ବସିଛ । ଗାୟନ ମଧ୍ୟ କରାଯାଏ ଶିବବାବା ବ୍ରହ୍ମାଙ୍କ ଦ୍□ାରା ବିଷ୍ଣୁପୁରୀର ସ୍ଥାପନା କରୁଛନ୍ତି । ବାବା ବୁଝାଉଛନ୍ତି ପିଲାମାନେ, କୌଣସି ପାପ କର୍ମ କର ନାହିଁ । ଦେହ-ଅଭିମାନର ବଶୀଭୂତ ହୁଅ ନାହିଁ । ତୁମକୁ ତ ଚାଲିବୁଲି ସାଜନଙ୍କ ସ୍ମୃତିରେ ରହିବାକୁ ହେବ । ଯାହାଙ୍କୁ ତୁମେମାନେ ଅଧାକଳ୍ପରୁ ସ୍ମରଣ କରିଆସୁଛ, ସିଏ ଏବେ ତୁମର ସେବାରେ ଉପସ୍ଥିତ ଅଛନ୍ତି । ସିଏ ଆତ୍ମିକ ସମାଜ ସେବକ ଅଟନ୍ତି । ତୁମକୁ ଆତ୍ମିକ ସେବା ଶିଖାଉଛନ୍ତି । ସମାଜ ସେବାର ମୁଖ୍ୟ ମଧ୍ୟ ଥା'ନ୍ତି ନା । ଇଏ ହେଉଛନ୍ତି ରୁହାନୀ ବା ଆତ୍ମିକ ସେବାର ମୁଖ୍ୟ । ସେମାନେ ହେଲେ ମନୁଷ୍ୟମାନଙ୍କର ଶାରୀରିକ ସ୍ଥୁଳ ସେବା କରିଲାବାଲା । ଏବେ ଦେଖ ସେମାନେ କହୁଛନ୍ତି ଗୋ ହତ୍ୟା କରିବା ବନ୍ଦ କର । ତୁମେ ଲେଖିପାରିବ ଯେ ଜଣେ ଅନ୍ୟ ଜଣଙ୍କ ଉପରେ କାମ ବିକାରର ଜୁଲୁମ କରିବା - ଏହା ସବୁଠାରୁ ବଡ ହତ୍ୟା ଅଟେ । ପ୍ରଥମେ ତ ଏହାକୁ ବନ୍ଦ କର । ଯେଉଁଥିପାଇଁ ହିଁ ଭଗବାନ କହିଛନ୍ତି କାମ ବିକାର ମହାଶତ୍ରୁ ଆଦି-ମଧ୍ୟ-ଅନ୍ତ ଦୁଃଖ ଦେଇଥାଏ । ତୁମେ ଗୀତାର ଭଗବାନଙ୍କୁ ଭୁଲିଯାଇଛ । ବାବାଙ୍କୁ ତ ଆଶ୍ଚର୍ଯ୍ୟ ଲାଗୁଛି । ପ୍ରଥମେ ତ ଅମରନାଥରେ, ପାହାଡ ଉପରେ ଧକ୍କା ଖାଉଛନ୍ତି, ଭାବୁଛନ୍ତି ଶିବ ପାର୍ବତୀଙ୍କୁ ସେଠାରେ ଅମରକଥା ଶୁଣାଇଥିଲେ । ଜଣେ ପାର୍ବତୀଙ୍କୁ ଶୁଣାଇଲେ କ'ଣ ହେବ! ବାବା ବୁଝାଉଛନ୍ତି ତୁମେମାନେ ସମସ୍ତେ ପାର୍ବତୀ ଅଟ । ବାବା ସମସ୍ତଙ୍କୁ ଅମରକଥା ଶୁଣାଉଛନ୍ତି । ବାବା କହୁଛନ୍ତି - ପିଲାମାନେ ତୁମେ ୮୪ ଜନ୍ମ ନେଇ-ନେଇ ଏବେ ମୃତ୍ୟୁଲୋକରେ ଆସି ପହଞ୍ଚି ଯାଇଛ । ପୁଣି ଲକ୍ଷ୍ମୀ-ନାରାୟଣ କୁଆଡେ ଗଲେ, କ'ଣ ଘରକୁ ଚାଲିଗଲେ ଅଥବା ଜ୍ୟୋତି ଜ୍ୟୋତିରେ ମିଶିଗଲେ? ସୂର୍ଯ୍ୟବଂଶୀ ରାଜା-ରାଣୀ, ପ୍ରଜା ସମସ୍ତେ କୁଆଡେ ଗଲେ? ନିଶ୍ଚୟ ସତ୍ତ୍□ପ୍ରଧାନରୁ ୮୪ ଜନ୍ମ ନେଇ-ନେଇ ତମୋପ୍ରଧାନ ହୋଇଯାଇଥିବେ । ବୁଝିପାରୁଛ ନା! ଏହି କଥା ବ୍ରହ୍ମାଙ୍କ ଦ୍□ାରା ଶିବବାବା ବସି ବୁଝାଉଛନ୍ତି । ପିଲାମାନେ, ଏବେ ମୁଁ ତୁମମାନଙ୍କର ଭାଗ୍ୟ ଗଢିବାକୁ ଆସିଛି, ପୁଣି ତୁମେ ଭାଗ୍ୟରେଖାରେ ଗାର କାହିଁକି ପକାଇ ଦେଉଛ! କିଛି ହେଲେ ତ ବୁଝ । ମୁଁ ତୁମକୁ ସ୍□ର୍ଗର ମାଲିକ କରିବାକୁ ଆସିଛି । ତୁମେ କ'ଣ ମୋର ମତରେ ଚାଲିବ ନାହିଁ! ଘରକୁ ଯାଇ ମୋତେ କାହିଁକି ଭୁଲିଯାଉଛ! ବାବା ବାରମ୍ବାର ବୁଝାଉଛନ୍ତି ପିଲାମାନେ, ଏବେ ତୁମେମାନେ ସଂଗମଯୁଗୀ ଅଟ । ସେମାନେ କଳିଯୁଗୀ ଅଟନ୍ତି । ତୁମେ ପୂଜ୍ୟ, ସେମାନେ ପୂଜାରୀ ଅଟନ୍ତି । ତୁମର ଏଣେତେଣେ ଧକ୍କା ଖାଇବା ଏବେ ବନ୍ଦ ହୋଇଯାଇଛି । ଯଦିଓ ସେମାନେ ତୁମକୁ ନାସ୍ତିକ ଭାବୁଛନ୍ତି, କିନ୍ତୁ ତୁମେ ସେମାନଙ୍କୁ ନାସ୍ତିକ କହୁଛ । ସେମାନେ କହୁଛନ୍ତି ତୁମେ ଭକ୍ତି କରୁନାହଁ ସେଥିପାଇଁ ନାସ୍ତିକ ଅଟ । ତୁମେ ତାଙ୍କୁ କହୁଛ ଯେ ତୁମେମାନେ ବାବାଙ୍କୁ ଜାଣି ନ ଥିବାରୁ ନାସ୍ତିକ ଅଟ । ତୁମେ କହୁଛ ଆମେ ଆସ୍ତିକ ଅଟୁଁ, ଆମେ ବାବାଙ୍କୁ ଚିହ୍ନି ତାଙ୍କଠାରୁ ସମ୍ପତ୍ତି ନେଉଛୁ । ଆଉ ତୁମେମାନେ ଜାଣି ନ ଥିବାରୁ ଧକ୍କା ଖାଉଛ । କୁମ୍ଭମେଳାକୁ ମଧ୍ୟ କେତେ ଲୋକ ଯାଉଛନ୍ତି, ପୁଣି ଦାନ-ପୁଣ୍ୟ କରୁଛନ୍ତି । ଏବେ ବାବା କହୁଛନ୍ତି ଏ ସବୁ କଥା ଛାଡ । ତୁମକୁ ଜ୍ଞାନର ସାଗର ମିଳିଛନ୍ତି, ପୁଣି ଆଉ କୁଆଡେ ଯିବ । ଏମାନେ ସବୁ ଜ୍ଞାନ ନଦୀ ଅଟନ୍ତି । ଜ୍ଞାନ ସାଗରଙ୍କ ଜ୍ଞାନରେ ସ୍ନାନ କରାଇବାକୁ ତୁମକୁ ନେଇ ଆସୁଛନ୍ତି । କେତେ ଭଲ ଭଲ ସନ୍ତାନମାନେ ବାବାଙ୍କ ପାଖକୁ ଆସି ପୁଣି ଯାଇ ବିକାରୀ ହୋଇଯାଉଛନ୍ତି, ଆଉ କେହି କେହି ତ ପୁଣି ବାବାଙ୍କର ମତରେ ଚାଲୁଛନ୍ତି । ପଚାରୁଛନ୍ତି ବାବା ବିନାଶୀ ଧନ କିପରି ସଫଳ କରିବୁ! ତେବେ ସେମାନଙ୍କୁ ବୁଝାଯାଉଛି – ବୁଡି ଯାଉଥିବା ଡଙ୍ଗାରୁ ଯେତିକି ବି ବାହାରକୁ ଆସିପାରିବ ସେତିକି ଭଲ । ଭାରତର ସେବାରେ ଏହାକୁ ଲଗାଇ ସଫଳ

କରିଦିଅ, ସେବାକେନ୍ଦ୍ର ଖୋଲି ଦିଅ । ଚିତ୍ର ମଧ୍ୟ କେତେ ତିଆରି ହେଉଛି । ବାବାଙ୍କ ପାଖରେ ଏପରି ଏପରି ସନ୍ତାନ ଅଛନ୍ତି - ଯେଉଁମାନେ କି କହୁଛନ୍ତି ଯେବେ ଆବଶ୍ୟକ ପଡିବ ତେବେ ବାବା ମୋତେ ମନେ ପକାଇବେ, ମୁଁ ସାହାଯ୍ୟ କରିବା ପାଇଁ ହାଜିର ହୋଇଯିବି । ଯଜ୍ଞର ଭଲ-ଭଲ କାମ ପାଇଁ ଦରକାର ହେଲେ ମୋତେ ମନେ ପକାଇବେ । ବାବା କହୁଛନ୍ତି - ମୁଁ କାହାକୁ ମନେ ପକାଏ ନାହିଁ, ଯାହା କରିବାର ଅଛି ତାହା ସ୍□ତଃ କର । ମୁଁ ତ ଦାତା ଅଟେ । ମୁଁ ତ ଆସିଛି, ଭାରତକୁ ସ୍□ର୍ଗ କରିବା ପାଇଁ, ତୁମେମାନେ ମଧ୍ୟ ସ୍□ର୍ଗକୁ ଯିବ । ଯେତିକି କରିବ ସେତିକି ପାଇବ । କିନ୍ତୁ ଜନ୍ମ-ଜନ୍ମାନ୍ତରର ପାପର ବୋଝ ମୁଣ୍ଡ ଉପରେ ଅଛି, ତାକୁ ଚୁକ୍ତ କରିବାକୁ ହେବ । ନଚେତ୍ ସେଥିପାଇଁ ବହୁତ ଦଣ୍ଡ ଭୋଗ କରିବାକୁ ପଡିବ । ସ୍□ର୍ଗକୁ ତ ନିଶ୍ଚୟ ଯିବ କିନ୍ତୁ ଯଦି ଦଣ୍ଡ ଭୋଗିବା ବାକି ରହିଗଲା, ତେବେ ଉଚ୍ଚ ପଦ ପାଇପାରିବ ନାହିଁ । ଏପରି ତ ଗାୟନ ରହିଛି ଯେ ରାଜାଙ୍କର ରାଜା କରିଲାବାଲାଙ୍କର ଅର୍ଥାତ୍ ଭଗବାନଙ୍କର ହୁଣ୍ଡି ବା ଭଣ୍ଡାର ସଦା ଭରପୁର ରହିଛି । ସ୍ୱାଙ୍କର କୌଣସି ଚିନ୍ତା ନାହିଁ । ବାବା କହୁଛନ୍ତି ହୁଣ୍ଡି ସ୍□ତଃ ଭରିଯିବ ।

ତୁମମାନଙ୍କୁ ଶ୍ରୀମତରେ ଚାଲିବାକୁ ହେବ, ଏହିଥିରେ ହିଁ କଲ୍ୟାଣ ରହିଛି । ଅକଲ୍ୟାଣ ହେଉଛି ବୋଲି କେବେ ଭାବ ନାହିଁ । ଧରିନିଅ ଦିଲ୍ଲୀ ଗଲାବେଳେ ରାସ୍ତାରେ ଗୋଡ ଭାଙ୍ଗିଗଲା, ଏଥିରେ ମଧ୍ୟ ଭାବ କଲ୍ୟାଣ ରହିଛି । ଆତ୍ମା ତ ଭାଙ୍ଗି ଯାଇନାହିଁ ନା । ଗୋଡ ଭାଙ୍ଗିଗଲା, କୌଣସି ଅସୁବିଧା ନାହିଁ । ମୁଁ ତ ତୁମର ଆତ୍ମା ସହିତ କଥା ହେଉଛି । ବାବା ବୁଝାଉଛନ୍ତି ଏହା ରାବଣ ରାଜ୍ୟ ଅଟେ, ସେଥିପାଇଁ ତ ତାକୁ ଜଳାଉଛନ୍ତି । ଆମେ କ'ଣ ଥିଲୁ, ବାବା ଆମକୁ କ'ଣରୁ କ'ଣ କରିଦେଇଛନ୍ତି । ଦୁନିଆର ଅବସ୍ଥା ଦେଖ କ'ଣ ହୋଇଗଲାଣି! ଏବେ ବାବା ତୁମକୁ ସ୍□ର୍ଗର ମାଲିକ କରୁଛନ୍ତି, ତେଣୁ ତାଙ୍କ ମତରେ ଚାଲିବା ଆବଶ୍ୟକ । କୌଣସି ପାପ କର୍ମ କରିବା ଅନୁଚିତ୍ । ତୁମେମାନେ ଗୃହସ୍ଥ ବ୍ୟବହାରରେ ରହି ପବିତ୍ର ହୁଅ । କେବଳ ଏହି ସତ୍ୟ ନାରାୟଣଙ୍କର କଥା ଶୁଣିଚାଲ । ଏହା କେତେ ଲମ୍ବା କାହାଣୀ ଅଟେ । ସାରା ସାଗରକୁ ସ୍ୟାହି କର, ତେବେ ବି ଏହି କାହାଣୀ ଶେଷ ହୋଇ ପାରିବ ନାହିଁ । ତେବେ ବାବାଙ୍କର ମତରେ ଚାଲିବା ଦରକାର ନା । ତୁମେମାନେ ଜାଣିଛ ଯେ ଆମେ ଭଗବାନଙ୍କର ଶ୍ରୀମତ ଆଧାରରେ ରାଜ୍ୟଭାଗ୍ୟ ପ୍ରାପ୍ତ କରୁଛୁ, ମନୁଷ୍ୟରୁ ଦେବତା ହେଉଛୁ । ମୃତ୍ୟୁ ତ ସମ୍ମୁଖରେ ଉପସ୍ଥିତ ରହିଛି । ଅଚାନକ ହୃଦଘାତ ହେଉଛି, ଦୁର୍ଘଟଣାରେ ମରିଯାଉଛନ୍ତି । ବାବା କହୁଛନ୍ତି - ମରିବା ପୂର୍ବରୁ ଖୁବ୍ ପୁରୁଷାର୍ଥ କର । ବାବାଙ୍କୁ ମନେ ପକାଇ ପକାଇ ନିଜର ଆମଦାନୀ କରିନିଅ । ଅବିନାଶୀ ବାବାଙ୍କର ହୋଇ ପୁଣି ପାପ କର୍ମ କଲେ ଗୋଟିଏ ପାପ ପାଇଁ ୧୦୦ଗୁଣା ଦଣ୍ଡ ମିଳିଯିବ । ପୁଣି ଲଜ୍ୟା ବି ଲାଗିବ କି ଲୋକମାନେ କ'ଣ କହିବେ? ଶିବବାବା କହୁଛନ୍ତି - ମୁଁ ଧର୍ମରାଜଙ୍କ ଦ୍□ାରା ବହୁତ କଠିନ ଦଣ୍ଡ ଦେଉଛି । ପୁଣି ସେହି ସମୟରେ ବାବା ଏପରି କହିବେ ନାହିଁ ଯେ ଇଏ ମୋର ସନ୍ତାନ ଅଟେ । ଏଥିରେ ବହୁତ କାଇଦା ରହିଛି । ଯଦି ଜଜ୍ର ସନ୍ତାନ ପାପ କର୍ମ କଲା, ତେବେ କିଛି କରିପାରିବେ ନାହିଁ । ଦଣ୍ଡ ଭୋଗିବାକୁ ହିଁ ପଡିବ । ତେଣୁ ବାବା ପ୍ରତିଦିନ ବୁଝାଉଛନ୍ତି, ପିଲାମାନେ ପାପ କର୍ମ ଆଦୌ କର ନାହିଁ । ସବୁଠାରୁ ବଡ ହେଲା ବିକାରର ପାପ । ଯଦିଓ ବିକାରର ତୋଫାନ ବହୁତ ଆସିବ, ବାହାର ଦୁନିଆ ବହୁତ ବିକାରୀ ଯାହାକି ନ କହିଲେ ଭଲ । ଏହା ହେଉଛି ହିଁ ବେଶ୍ୟାଳୟ । ଧରିନିଅ କୌଣସି ବିଶେଷ ବ୍ୟକ୍ତିଙ୍କୁ ତୁମେ ବୁଝାଉଛ ଏବଂ ସିଏ ତୁମର ଛାତ୍ର ହୋଇଗଲେ, ତେବେ ସମସ୍ତେ କହିବେ ବ୍ରହ୍ମାକୁମାରୀମାନଙ୍କର ଯାଦୁ ଏହାଙ୍କୁ ଲାଗିଗଲା । ବଡ-ବଡ ଲୋକମାନେ ଆସି ଲେଖୁଛନ୍ତି ମଧ୍ୟ ବାସ୍ତବରେ ଆପଣ ସତ୍ୟ କହୁଛନ୍ତି । ଗୀତାର ଭଗବାନ ବାସ୍ତବରେ ଶିବ ଅଟନ୍ତି, ଶ୍ରୀକୃଷ୍ଣ ନୁହଁନ୍ତି । ଆଚ୍ଛା ପୁଣି ନିଜ ଘରକୁ ଗଲେ ସବୁ ଭୁଲି ଯାଉଛନ୍ତି । ବହୁତ ପରିଶ୍ରମ କରିବାକୁ ପଡୁଛି ।

ବାବା ବୁଝାଉଛନ୍ତି ମିଠା-ମିଠା ପିଲାମାନେ ଏ କଥା ଭୁଲିଯାଅ ନାହିଁ, ମାୟା ବହୁତ ଶକ୍ତିଶାଳୀ ଅଟେ । ବାବାଙ୍କର ସ୍ମୃତି ପାରଦ ସଦୃଶ ଅଟେ, ତୁରନ୍ତ ଭୁଲି ଯାଇଥାନ୍ତି । ବାବା କହୁଛନ୍ତି - ଯଦିଓ ଗୃହସ୍ଥ ବ୍ୟବହାରରେ ରହୁଛ, କେବଳ ପବିତ୍ର ରୁହ । ପୁରୁଷାର୍ଥ ତ କରିବାକୁ ହେବ ନା । ବାବା ତ ସମସ୍ତଙ୍କୁ ଅତି ସ୍ନେହର ସହିତ କହୁଛନ୍ତି, ଏବେ ମୋର ସନ୍ତାନ ହୋଇ ପୁଣି କୌଣସି ପାପ କର୍ମ କର ନାହିଁ । ତୁମେମାନେ ବାବାଙ୍କୁ ତ ଜାଣିଗଲଣି ନା । ସୃଷ୍ଟିଚକ୍ରର ରହସ୍ୟ ମଧ୍ୟ ତୁମର ବୁଦ୍ଧିରେ ଅଛି । ବିଦ୍□ାନ, ପଣ୍ଡିତ, ଆଚାର୍ଯ୍ୟମାନେ ତ ନିଜକୁ ଶିବ ବୋଲି କହି ନିଜର ପୂଜା କରାଉଛନ୍ତି । ପ୍ରାୟତଃ ସନ୍ନ୍ୟାସୀମାନେ ଯାଇ ହରିଦ୍□ାରରେ ରହିଥାନ୍ତି । ସାରାଦିନ ଜପ କରୁଥା'ନ୍ତି ଶିବକାଶୀ ବିଶ୍□ନାଥ ଗଙ୍ଗା । ବାବା କେତେ ଭଲ ଭାବରେ ବୁଝାଉଛନ୍ତି । ଗାୟନ ମଧ୍ୟ ଅଛି ଅକାଳମୂରତ । ଅକାଳତଖତ

କୌଣସି ସନ୍ଦିଲି ବା ଖଟୁଲି ନୁହଁ । ଅକାଳମୂରତ ବାବାଙ୍କର ଏହି ରଥ ସିଂହାସନ ଅଟେ । ଯେପରି ତୁମର ଏହି ଶରୀର ରଥ ଅଟେ । ବାବା ମଧ୍ୟ କହୁଛନ୍ତି ମୁଁ ଏହି ରଥ ନେଇଛି । ଭ୍ରୃକୁଟୀରେ ଗୋଟିଏ ପଟେ ଚେଲା (ଶିଷ୍ୟ), ଅନ୍ୟ ପଟେ ଗୁରୁ ବସିଛନ୍ତି । ନିଶ୍ଚିତ ତାଙ୍କ ପାଖରେ ଯାଇ ବସିବି ନା । ମୁଁ ମଧ୍ୟ ବିନ୍ଦୁ ଅଟେ । ମୋର ଆକାର ଏତେ ବଡ ନୁହେଁ ।

ମିଠା-ମିଠା ପିଲାମାନେ ଏହା ତୁମର ବାସ୍ତବ ସତ୍ୟ ଚୈତନ୍ୟ ଯୋଗର ଯାତ୍ରା ଅଟେ । ଏଠାରେ ବାପଦାଦା ଉଭୟ ଏକତ୍ରିତ ହୋଇଅଛନ୍ତି । ବାପଦାଦା ଶବ୍ଦର ଅର୍ଥ କେହି ବୁଝିପାରିବେ ନାହିଁ । ଟେଲିଗ୍ରାମ୍‌ରେ ମଧ୍ୟ ବାପଦାଦାଙ୍କ ନାମରେ ଦସ୍ତଖତ କରୁଛନ୍ତି । କେହି ବୁଝିପାରିବେ ନାହିଁ । ଆରେ ଶିବବାବା ତୁମର ବାବା ଅଟନ୍ତି । ପ୍ରଜାପିତା ବ୍ରହ୍ମା ଦାଦା ଅଟନ୍ତି ନା । ତେବେ ବାପଦାଦା ହେଲେ ନା । ବର୍ତ୍ତମାନ ବାବା କହୁଛନ୍ତି ମୁଁ ଆସିଛି - ଏହାଙ୍କ ଦ୍□ାରା ତୁମକୁ ସମ୍ପତ୍ତି ଦେବା ପାଇଁ । ଶିବବାବା ତୁମର ମଧ୍ୟ ପିତା ଅଟନ୍ତି । ପ୍ରଜାପିତା ବ୍ରହ୍ମା ମଧ୍ୟ ସମସ୍ତଙ୍କର ପିତା ହୋଇଗଲେ । କିନ୍ତୁ ସମ୍ପତ୍ତି ଶିବବାବାଙ୍କଠାରୁ ମିଳୁଛି । ତେବେ ଦସ୍ତଖତ ମଧ୍ୟ ଏହିଭଳି କରିବେ ନା । ତେଣୁ ବାପଦାଦା କୁହାଯାଉଛି । ଶିବବାବା କହୁଛନ୍ତି ମୋତେ ହିଁ କେବଳ ମନେ ପକାଅ, ତଥାପି ବୁଦ୍ଧିରେ ରହୁନାହିଁ । ପ୍ରଦର୍ଶନୀକୁ ହଜାର-ହଜାର ଲୋକ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ୮-୧୦ ଜଣ ବୁଝିବା ଅର୍ଥାତ୍ କୋର୍ସ କରିବା ପାଇଁ ଆସୁଛନ୍ତି । ସେମାନଙ୍କ ଭିତରୁ ମଧ୍ୟ ଧିରେ-ଧିରେ କମି-କମି ବାକି କେବଳ ଜଣେ ଦୁଇଜଣ ରହୁଛନ୍ତି । ସେଥିପାଇଁ କୋଟିକରେ କେହି ଜଣେ ବୋଲି ଗାୟନ ରହିଛି । ତେବେ କେତେ ପ୍ରଦର୍ଶନୀ କରିବାକୁ ପଡିବ, ଯାହାକି କୋଟିକରେ କେହି ବାହାରିବେ । କେହି-କେହି ୪-୫ ବର୍ଷ ଆସି ପୁଣି ହଜିଯାଉଛନ୍ତି । ବାବାଙ୍କୁ ଛାଡପତ୍ର ଦେଇ ଦେଉଛନ୍ତି । ଆଚ୍ଛା!

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଶିବବାବାଙ୍କ ଉପରେ ସମ୍ପୂର୍ଣ୍ଣ ବଳି ଚଢିବାକୁ ହେବ ଅର୍ଥାତ୍ ବଞ୍ଚି ଥାଉ ଥାଉ ମରିବାକୁ ହେବ । ଶ୍ରୀମତରେ ଚାଲିବାକୁ ହେବ ।

(୨) ଶିବବାବାଙ୍କର ସନ୍ତାନ ହୋଇଛ, ତେଣୁ କୌଣସି ବି ପାପ କର୍ମ କରିବାର ନାହିଁ । ପବିତ୍ର ହୋଇ ନିଜର କଲ୍ୟାଣ କରିବାକୁ ହେବ ।

ବରଦାନ:- ଜ୍ଞାନର ଗହନ ରହସ୍ୟ ଗୁଡିକୁ ଶୁଣି ସେଗୁଡିକୁ ସ୍□ରୂପରେ ଆଣୁଥିବା ଜ୍ଞାନୀ ତୁ ଆତ୍ମା ଭବ ।

ଜ୍ଞାନୀ ତୁ ଆତ୍ମମାନେ ପ୍ରତ୍ୟେକ କଥାର ସ୍□ରୂପର ଅନୁଭବ କରିଥାଆନ୍ତି । ଯେପରି ଶୁଣିବାକୁ ଭଲ ଲାଗୁଛି, ଗହନ ମଧ୍ୟ ଲାଗୁଛି କିନ୍ତୁ ଶୁଣିବା ସହିତ ତାକୁ ନିଜ ଭିତରେ ଅନ୍ତଃକରଣ କରିବା ଅର୍ଥାତ୍ ସ୍□ରୂପ ହୋଇଯିବା - ଏହାର ମଧ୍ୟ ଅଭ୍ୟାସ ହେବା ଦରକାର । ମୁଁ ଆତ୍ମା ନିରାକାର ଅଟେ - ଏହି କଥା ବାରମ୍ବାର ଶୁଣୁଛ କିନ୍ତୁ ନିରାକାରୀ ସ୍ଥିତିର ଅନୁଭବୀ ହୋଇଶୁଣ । ଯେପରି ଜ୍ଞାନର ପଏଣ୍ଟ ସେହିପରି ଅନୁଭବ କର । ଏହାଦ୍□ାରା ଶୁଦ୍ଧ ସଂକଳ୍ପ ରୂପକ ସମ୍ପତ୍ତି ଜମା ହୋଇ ଚାଲିବ ଏବଂ ବୁଦ୍ଧି ଏହିଥିରେ ବ୍ୟସ୍ତ ରହିବ ଯାହାଦ୍□ାରା ବ୍ୟର୍ଥ ସଂକଳ୍ପଠାରୁ ସହଜରେ ମୁକ୍ତ ହୋଇଯିବ ।

ସ୍ଲୋଗାନ:- ଜ୍ଞାନ ଏବଂ ଅନୁଭବର ଡବଲ ଅଧିକାରୀ ଆତ୍ମାମାନେ ହିଁ ମସ୍ତ ଫକୀର ରମତାଯୋଗୀ ଅଟନ୍ତି ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ପରୋପକାରର ଭାବନାରେ ସମ୍ପନ୍ନ ହୋଇ ଅପକାରୀର ମଧ୍ୟ ଉପକାର କର ।

କୌଣସି ବି କଥାକୁ ଫିଲ୍ କରିବା ଅର୍ଥାତ୍ ବା ଦୁଃଖର ଅନୁଭବ କରିବା ଫେଲ୍ ହେବାର ଲକ୍ଷଣ ଅଟେ । ଯିଏ ଯେତେ ବି ଅପକାରୀ ହୋଇଥାଉ କିନ୍ତୁ ତୁମର ଦୃଷ୍ଟି ଏବଂ ମନୋବୃତ୍ତି ଉପକାରୀ ହେଉ । ଯେତିକି ଅଧିକାରୀ ସେତିକି ନିରଂହକାରୀ । ଜ୍ଞାନ ମାର୍ଗରେ ଚାଲିବା ପରେ ଯେଉଁ ସ୍□-ଅଭିମାନ ଆସିଥାଏ ତା'ର ମଧ୍ୟ ତ୍ୟାଗ କର । ଯେତେବେଳେ ଏତେ ତ୍ୟାଗର ମନୋବୃତ୍ତି ଏବଂ ଦୃଷ୍ଟି ରହିବ, ସେତେବେଳେ ଯାଇ ବୁଦ୍ଧିରେ ବାପଦାଦା ରହିବେ ଏବଂ ମୁଖରୁ ମଧ୍ୟ ସେହିଭଳି ବାଣୀ ବାହାରିବ ।